ଗୋପବନ୍ଧୁ ଦାସଙ୍କ ଉପରେ ୧୪୪ ଧାରା

ଏମାସ ୮ ତାରିଖ ସକାଳେ ପଣ୍ଡିତ ଗୋପବନ୍ଧୁ ଦାସ କଲିକତାରୁ ଫେରି କଟକରେ ପହଁଚଲେ । ଦିନ ୩ ଟା ବେଳେ କଟକ ଟାଉନ ପୋଲିସ ଇନ୍‌ସ୍ପେକ୍ଟର ତାଙ୍କ ଉପରେ କଟକ ମେଜେଷ୍ଟ୍ରେଟଙ୍କର ନିମ୍ନଲିଖିତ ୧୪୪ ଧାରା ହୁକୁମ ଜାରି କଲେ ।

ବାବୁ ଗୋପବନ୍ଧୁ ଦାସ, ସତ୍ୟବାଦୀ, ପୁରୀ, ହାଲ କଟକ । ଯେହେତୁ କଟକ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ୧୯୨୧ ସାଲ ସେପ୍ଟେମ୍ବର ୮ ତାରିଖ ରିପୋର୍ଟରୁ ପ୍ରକାଶ ଯେ ତୁମ୍ଭେ ନିକଟରେ ଏ ଜିଲ୍ଲାର ନାନା ସ୍ଥାନରେ ସଭାରେ କହିଅଛ, ବକ୍ତୃତା ଦେଇଅଛ ଏବଂ ପଟୁଆର ଓ ପ୍ରଦର୍ଶନୀ କରାଇ ଅଛ, ଯଦ୍ଦ୍ୱାରା ଅଶିକ୍ଷିତ ଜନ ସାଧାରଣ ଉତ୍ତେଜିତ ହୋଇ ପାରନ୍ତି ଯହିଁର ଫଳରେ ସାଧାରଣଙ୍କ ଶାନ୍ତିଭଙ୍ଗ ହୋଇପାରେ ଗୋଳମାଳ ଘଟିପାରେ ଏବଂ ଯେହେତୁ ଗଲା ଅଗଷ୍ଟ ୧୪ ତାରିଖ କଟକ ଟାଉନ ହଲରେ ତୁମ୍ଭେ ସାଧାରଣ ସଭା କରିଥିଲ ଏବଂ ସେଥିରେ କପଡାର ସାହେବ ମୂର୍ତ୍ତି ପୋଡା ଯାଇଥିଲା ଏବଂ ବିଦେଶୀ ବସ୍ତ୍ର ବିର୍ଜ୍ଜନ କାର୍ଯ୍ୟରେ କରିବା ଲାଗି ଜୋର ଓ ବଳ ପ୍ରୟୋଗ ଦରକାର ବୋଲି ତୁମ୍ଭର ସେ ଘଟଣାର ବକ୍ତୃତାରେ ସୂଚନା ଦିଆଯାଇଥିଲା ।

ଯେହେତୁ ଆମ୍ଭେ ସମ୍ବାଦ ପାଇଅଛୁଁ କି ଏହି କଟକ ସଦରରେ ଏବଂ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ପୁନରାୟ ସାଧାରଣ ସଭା କରି ସେଥିରେ ବକ୍ତୃତା ଦେବା ଓ ପଟୁଆର ପ୍ରଦର୍ଶନୀ ଆଦିରେ ଯୋଗ ଦେବାକୁ ତୁମ୍ଭେ ଇଚ୍ଛା କରିଅଛ ଏବଂ ତୁମ୍ଭର ଏହିପରି କାର୍ଯ୍ୟଦ୍ୱାରା ଗୋଳମାଳ ଘଟିପାରେ କିମ୍ବା ସାଧାରଣ ଶାନ୍ତି ଭଙ୍ଗ ହୋଇପାରେ ଏବଂ ଯେହେତୁ ଆମ୍ଭମତରେ ଏପରି ଗୋଳମାଳ ବା ଶାନ୍ତି ଭଙ୍ଗର ନିବାରଣ ଅତି ସତ୍ୱର ଦରକାର,

ଏତଦ୍ଦ୍ୱାରା ତୁମ୍ଭେ ବାବୁ ଗୋପବନ୍ଧୁ ଦାସଙ୍କୁ ଆବଶ୍ୟକ ଯେ ଆଜିତାରିଖ ଠାରୁ ଦୁଇମାସ ଯାଏ ତୁମ୍ଭେ ଏ ଜିଲ୍ଲାର କୌଣସି ସ୍ଥାନରେ ସଭାକରି ପାରିବ ନାହିଁ, ବକ୍ତୃତା ଦେଇ ପାରିବ ନାହିଁ ବିବାହ ଧର୍ମ ସମ୍ପର୍କୀୟ ପଟୁଆର ଛଡା ଅନ୍ୟ କୌଣସି ପଟୁଆରରେ ଯୋଗ ଦେଇ ପାରିବ ନାହିଁ ।

ଅଜ ୧୯୨୧ସାଲ ସେପ୍ଟେମ୍ବର ୮ ତାରିଖ ଆମ୍ଭ ଦସ୍ତଖତରେ ଏ ଅଦାଲତର ମୋହର ସଂଯୁକ୍ତ କରାଯାଇ ଆଦେଶ ଦିଆଗଲା ।

ବି, ଏନ୍, ରାୟ

ଜିଲ୍ଲା ମେଜେଷ୍ଟ୍ରେଟ, କଟକ ।

କଟକରେ ବିହାର ନେତା ଦୀପ୍‌ନାରାୟଣ ଓ ସାଫି

୮ ତାରିଖ ସନ୍ଧ୍ୟା ଛଅଟା ବେଳେ ବାଲୁବଜାର ଜୁମା ମସଜିଦ୍‌ରେ ଏକ ସଭା ହୋଇଥିଲା । ପ୍ରାୟ ୮୦୦ ଲୋକ ଯୋଗ ଦେଇଥିଲେ । ସଭାରେ ଶ୍ରୀଯୁକ୍ତ ଦୀପ୍ ନାରାୟଣ ସିଂହ, ମୌଲବି ସାଫି, ପଣ୍ଡିତ ଗୋପବନ୍ଧୁ ଦାସ, ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ପଣ୍ଡିତ ଗୋଦାବରୀଶ ମିଶ୍ର ଓ କଟକର ଅନ୍ୟାନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ । ଜଏଣ୍ଟ ମାଜିଷ୍ଟ୍ରେଟ ଯେଉଁଦିନ ୩ଟା ବେଳେ ଗୋପବନ୍ଧୁ ବାବୁଙ୍କ ମୁହଁ ସିଲାଇ କରିଦେଇଥିବାରୁ ସେ ବିହାର ନେତାମାନଙ୍କୁ ଅଭ୍ୟର୍ଥନା କରିପାରିଲେ ନାହିଁ । ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ଏ କଥାର ଉଲ୍ଲେଖ କରି ଲୋକମାନଙ୍କୁ ବିଚଳିତ ନ ହେବା କାରଣ ଅନୁରୋଧ କରିଥିଲେ । ତାଙ୍କର ବିଶ୍ୱାସ କେବଳ ଗୋପବନ୍ଧୁ ବାବୁ କାହିଁକି ନିକଟରେ ଅନ୍ୟାନ୍ୟ ନେତାମାନଙ୍କ ଉପରେ ଏପରି ନୋଟିସ ଜାରିହେବା ବିଚିତ୍ର ନୁହେ । ଏଥି ସକାଶେ ଓଡିଶାର ଜନସାଧାରଣଙ୍କୁ ଧୈର୍ଯ୍ୟ ଧରିବା କାରଣ ଓ ବିନା ସଭା ସମିତିରେ କଂଗ୍ରେସ କାର୍ଯ୍ୟ ପୂରଣ କରିବା କାରଣ ସେ ଅନୁରୋଧ କରିଥିଲେ । ଶେଷରେ ଅସହଯୋଗ ବିଷୟରେ ଓଡିଶାବାସୀମାନଙ୍କୁ ବୁଝାଇବା କାରଣ ବିହାରନେତାମାନଙ୍କୁ ଅନୁରୋଧକରିବାରୁ ଶ୍ରୀଯୁକ୍ତ ଦୀପ୍ ନାରାୟଣସିଂହ ହିନ୍ଦିରେ ତାଙ୍କର ବକ୍ତୃତା ଆରମ୍ଭକରିଥିଲେ । ଅସହଯୋଗ ଅର୍ଥ ଓ ଏହା ଯେ ଏକ ସମ୍ପୂର୍ଣ୍ଣ ଧର୍ମ ଯୁଦ୍ଧ ଏହା ସେ ଲୋକମାନଙ୍କୁ ବିଶଦ ଭାବରେ ବୁଝାଇ ଦେଇଥିଲେ । ଅତ୍ୟାଚାରୀ ଓ ଅଧର୍ମୀ ସରକାରଙ୍କୁ ଧର୍ମ ଓ ନ୍ୟାୟ ମାର୍ଗକୁ ଆଣିବା ଏ ଅସହଯୋଗର ଉଦ୍ଦେଶ୍ୟ । ଇଂରେଜ ସରକାରଙ୍କର ଯଦି ନିଜର ଆତ୍ମ ମର୍ଯ୍ୟାଦା ଓ ଇଜ୍ଜତ ଥାଏ ସେମାନେ ପାପାଚାରରୁ ବିରତ ହୋଇ ତାହା ରକ୍ଷା କରିବା ଉଚିତ । ଏଥିରେ ବ୍ୟକ୍ତି ଗତ ବା ଜାତିଗତ ବିଦ୍ୱେଷରେ ସ୍ଥାନ ନାହିଁ । ମହାତ୍ମା ଗାନ୍ଧି ଯେ ଶାନ୍ତି ପୂର୍ଣ୍ଣ ପଥରେ ଏ ଆନ୍ଦୋଳନ ପରିଚାଳନା କରୁଛନ୍ତି ଓ ତାଙ୍କରି ନେତୃତ୍ୱରେ ସେ ସ୍ୱରାଜ ଲାଭ ହେବ ଏଥିରେ ସେ ଦୃଢ ବିଶ୍ୱାସ ପ୍ରକାଶ କରିଥିଲେ । ଏକମାସ ମଧ୍ୟରେ ଏକ କୋଟି ଟଙ୍କା ଏକ କୋଟି ମେମ୍ବର ଓ ବିଶ ଲକ୍ଷ ଚରଖା ଯେ ସଂଗ୍ରହ ହେଲା ଏହା କେବଳ ମହାତ୍ମାଙ୍କ ପକ୍ଷରେ ସମ୍ଭବ । ଆଉ କାହା ପକ୍ଷରେ ନୁହେ । ଇଂରେଜ ସରକାର କଲିକତା ଭିକ୍ଟୋରିଆ ମେମୋରିଆଲ ଫଣ୍ଡ ସକାଶେ କେତେ ବର୍ଷ ଭିତରେ ୫୦।୬୦ ଲକ୍ଷ ଟଙ୍କା ସଂଗ୍ରହ କରି ପାରିଲେ ନାହିଁ । ମହାତ୍ମା ଗାନ୍ଧି କିନ୍ତୁ ଏକ ମାସ ମଧ୍ୟରେ ଏକ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିଛନ୍ତି । କେହି ୨ କହନ୍ତି ସରକାର ଋଣ ସକାଶେ କୋଟି କୋଟି ଟଙ୍କା ସଂଗ୍ରହ କରୁଛନ୍ତି । କିନ୍ତୁ ସେମାନେ ଋଣ ଦେବା ଉଚିତ ସୁଧ ପାଇ ଲାଭ କରିବା ଆଶାରେ ଏହା ଦିଆ ଯାଉଛି, ଦାନ ନୁହେ । ଶ୍ରୀଯୁକ୍ତ ଦୀପ୍‌ନାରାୟଣ ଇଂରେଜ ଶିକ୍ଷା ବିଷୟରେ କହିଥିଲେ କି ଇଂରେଜ ଭାଷାରେ ଏଦେଶ ଶିକ୍ଷାର ପ୍ରଚାର ହେଉ ଥିବାରୁ ଆମ୍ଭେମାନେ ଅନୁନ୍ନତ ଅବସ୍ଥାରେ ପଡିଥାଉଁ । ଯାପାନ ପ୍ରଭୃତି ସ୍ୱାଧୀନ ଦେଶରେ ଶିକ୍ଷା ମାତୃ ଭାଷାରେ ଦିଆଯାଏ । ଏହାଦ୍ୱାରା ଜନ ସାଧାରଣ ଅଳ୍ପ ସମୟ ମଧ୍ୟରେ ଓ ଅତି ସହଜରେ କୃଷି ବିଜ୍ଞାନର ବଡ ବଡ ତତ୍ତ୍ୱମାନ ବୁଝି କାର୍ଯ୍ୟରେ ଲଗାଇ ପାରୁଛନ୍ତି । ସେ ଦୁଇବର୍ଷ ପୂର୍ବେ ଯାପାନରେ ଥିଲାବେଳେ ଦେଖିଥିଲେ ଗାଁର ଗୋଟିଏ ୨ ସାମାନ୍ୟ କମାର ୬।୮ ମାସ ମଧ୍ୟରେ ବିଜୁଳି କାରଖାନାର କାମ ଶିଖି ନିଜ ନିଜ ଗାଁରେ ବିଜୁଳି କାରଖାନା ସବୁ ତିଆରି କରିଛନ୍ତି । କିନ୍ତୁ ଏ ଦେଶର କୌଣସି ଲୋକକୁ ବିଜୁଳି କାରଖାନା ଶିଖିବାକୁ ହେଲେ ୧୨ ।୧୪ ବର୍ଷ କେବଳ ଇଂରେଜ ଶିକ୍ଷାକରିବା ଦରକାର । ତା ପରେ ବିଲାତ ବା ଆମେରିକା ଯାଇ ଦୁଇ ତିନି ବର୍ଷରେ ଏହା ଶିକ୍ଷା କରି ପାରିବ । ଏହି ହେତୁରୁ ଏ ଦେଶର ଶିକ୍ଷା ଦେଶୀୟ ଧରଣରେ ମାତୃଭାଷାରେ ହେବା ଉଚିତ । ଚରଖା ବ୍ୟବହାର ଓ ବିଦେଶୀ ବର୍ଜନ ବିଷୟରେ ସେ ଲୋକମାନଙ୍କୁ ବିଶେଷ ଭାବରେ ବୁଝାଇଥିଲେ । ବିଦେଶୀ ବର୍ଜନ ଦ୍ୱାରା ବିଲାତରେ ଓ ଭାରତର ସରକାରୀ ମହଲରେ ଏବେ ଘୋର ଆତଙ୍କ ଉପସ୍ଥିତ ହେଲାଣି । ବର୍ଷକୁ ୬୦ କୋଟି ଟଙ୍କା ଏମାନେ ଏହି ଉପାୟରେ ଟାଣି ନେଉଥିଲେ । ଆମ୍ଭେ ଯଦି ଏହା ବନ୍ଦ କରିଦେବା ତାହାହେଲେ ସେମାନେ ବାଡ୍ ବାହି ଡାକ ଛାଡି ଆମ ଗୋଡ଼ ପାଖେ ସ୍ୱରାଜ୍ୟ ଦେବାକୁ ବାଧ୍ୟ ହେବେ । ତେଣୁ ଚରଖା ପ୍ରଚାର ବିଦେଶୀ ବର୍ଜନ ଦ୍ୱାରା ଯେ ସ୍ୱରାଜ୍ୟ ଲାଭ ନିଶ୍ଚିତ ଏହା ସମସ୍ତେ ବୁଝିବା ଉଚିତ ଓ ଏ ସକାଶେ ଲାଗି ପଡ଼ିବା ପାଇଁ ସେ ଅନୁରୋଧ କରିଥିଲେ । ତାଙ୍କ ବିହାରରେ ଏହା ଖୁବ୍ କ୍ଷିପ୍ର ଗତିରେ ଚାଲିଛି । ଶ୍ରୀଯୁକ୍ତ ଦୀପ୍ ନାରାୟଣ ଗୋପବନ୍ଧୁ ବାବୁଙ୍କ ଉପରେ ଜାରି ହୋଇଥିବା ନୋଟିସ ବିଷୟରେ କେତେକ କଥା କହିଥିଲେ । ମୌଲବି ସାଫି ହିନ୍ଦୁ ମୁସଲମାନ ଏକତା ... ଯୋଗ ବିଷୟରେ କେତେକ କଥା କହିଲା ... ହେଲା ।

ପୁରୀ ଜିଲାବୋର୍ଡ ଚେୟାରମାନ ନିର୍ବାଚନ

ପୁରୀ ଜିଲା ବୋର୍ଡର ବେସରକାରୀ ଚେୟାରମାନ ବାବୁ ଲୋକନାଥ ମିଶ୍ର ହେଲେ । ବୋଧହୁଏ ଏହି ଆଶାରେ ସେ ମ୍ୟୁନିସିପାଲିଟି ଚେୟାରମାନ ହେବାକୁ ଅସ୍ୱୀକୃତ ହୋଇଥିଲେ । ଶୁଣାଯାଏ ଏ ନିର୍ବାଚନରେ ବାବୁ ପୀତବାସ ପଟ୍ଟନାୟକ ଓ ରାଧାଶ୍ୟାମ ମହାନ୍ତି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ । ଲୋକନାଥ ବାବୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଅଛନ୍ତି ।

ସମ୍ବାଦ

ସାତବାଟିଆ—କେନ୍ଦ୍ରାପଡ଼ା କେନାଲ ପାଖ ସାତବାଟିଆ ଗାଁ ପାଖରେ ତେଲ ଷ୍ଟିମର ରହିବାର କୌଣସି ଘାଟ ନଥିଲା । ଏବେ ଅସ୍ଥାୟୀ ଭାବରେ ଏକ ଘାଟ ମଞ୍ଜୁର ହୋଇଛି । ଅଧିକ ଲୋକ ଯିବା ଆସିବା କଲେ ଏହା ସ୍ଥାୟୀ ହୋଇପାରେ ।

ଯାଜପୁର—ପଣ୍ଡିତ ଗୋପବନ୍ଧୁ ଦାସ ଏ ଅଞ୍ଚଳରେ କଂଗ୍ରେସ ପ୍ରଚାର କାର୍ଯ୍ୟରେ ବୁଲିଲାବେଳେ ଟ ୨୪୪ ।/ ୯ ପାହୁଲା ନଗଦ ତିଲକ ସ୍ୱରାଜ୍ୟ ପାଣ୍ଠି ପାଇଁ ଅସୁଲ ହୋଇଥିଲା । ଆଉ ଅନେକ ଲୋକ ପରେ ଦେବା ପାଇଁ ସ୍ୱୀକୃତ ହୋଇଛନ୍ତି । ସେ ସବୁ ଅସୁଲ ହେଲେ ଟ ୩୦୦ ହୋଇପାରେ ।

ଭଣ୍ଡାରିପୋଖରୀ—ଏଠାରେ ପଞ୍ଚାୟତ ଓ ଅଧିଲ ପଞ୍ଚାୟତ ବସି ନିୟମିତ ରୂପେ କାର୍ଯ୍ୟ ହେଉଛି । ପଣ୍ଡିତ ଗୋପବନ୍ଧୁ ଦାସ ଗଲା ପରେ ମଧ୍ୟ ଲୋକେ ବିଦେଶୀଲୁଗା ସଂଗ୍ରହକରି ସ୍ଥାନେ ସ୍ଥାନେ ପୋଡୁଛନ୍ତି ।

ବାଲେଶ୍ୱର—ବାଲେଶ୍ୱର ଥାନା ଶ୍ରୀଜଙ୍ଗ ଗାଁରେ ଗୋଟିଏ ପଞ୍ଚାୟତ ବସିଛି ।

ଏ ସହରରେ କଂଗ୍ରେସ କର୍ମୀମାନେ ତାଡ଼ି ଓ ମଦ ଦୋକାନ ପାଖରେ ରହି ନିଶାନିବାରଣ ସକାଶେ ଲୋକମାନଙ୍କୁ ଉପଦେଶ ଦେଉଛନ୍ତି କିନ୍ତୁ ଅବକାରୀ କନେଷ୍ଟେବଲମାନେ ଲୋକମାନଙ୍କୁ ଅଡୁଆଳରେ ରଖି ମଦ ଦୋକାନକୁ ନେଉଥିବାର ଦେଖାଯାଏ ।

କାକଟପୁର—ପ୍ରାଚୀନଦୀ କାକଟପୁର ଅଞ୍ଚଳରେ ବାଘ ଓ କୁମ୍ଭୀର ଉତ୍ପାତ ବଡ ଭୟଙ୍କର ହୋଇଛି । ଅନେକ ଗୋରୁଗାଈ ବାଘ ମୁହଁରେ ଗଲେଣି । ପ୍ରାଚୀ ନଈ ବନ୍ତୀ ଗାଁଠାରେ କୁମ୍ଭୀର ଗୋଟେ ମନୁଷ୍ୟ ଓ ଓ କେତେ ଗାଈ ମାରି ସାରିଲାଣି ।

ସଂମିଳନୀ ପ୍ରସଙ୍ଗ

ଅଗଷ୍ଟମାସ ୩୦ ତାରିଖରେ ସମ୍ମିଳନୀ ଅଭ୍ୟର୍ଥନା ସଭାର ଦ୍ୱିତୀୟ ବୈଠକ ହୋଇଥିଲା । ତଳ ଲିଖିତ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିଲା ।

୧ମ ପ୍ରସ୍ତାବ—କଂଗ୍ରେସ ଯାତ୍ରୀମାନଙ୍କ ସୁବିଧା ପ୍ରତି ଲକ୍ଷ କରି ସଂମିଳନୀ ବୈଠକର ସମୟ ଅଗାମୀ ଡିସେମ୍ବର ମାସ ୧୭ । ୧୮ । ୧୯ ତାରିଖରେ ହେବ ବୋଲି ଧାର୍ଯ୍ୟ କରାଗଲା ।

୨ୟ ପ୍ରସ୍ତାବ—ତଳଲିଖିତ ବ୍ୟକ୍ତିମାନଙ୍କୁ ନେଇ ଅଭ୍ୟର୍ଥନା ସଭାର କାର୍ଯ୍ୟକାରିଣୀ ସମିତି ଗଠା ହେଲା ।—

ଆବଶ୍ୟକ ହେଲେ ମେମ୍ବର ସଂଖ୍ୟା ବଢାଇ ଦିଆଯାଇପାରେ ।

୧-ଶ୍ରୀ ମହାବୀର ସିଂହ, ଝାଡସୁଗୁଡା, ୨-ସୁକଦେବ ପଟେଲ, ଝାଡସୁଗୁଡା, ୩-ଶ୍ରୀ ବାଲୁଂକେଶ୍ୱର ପଣ୍ଡା, ଝାଡସୁଗୁଡା, ୪-ଶ୍ରୀଲକ୍ଷ୍ମଣ ପଟ୍ଟନାୟକ ଖଡିଆଲ, ୫-ବୈକୁଣ୍ଠନାଥ ବଳପଣ୍ଡା ଫୁଲଝର, ୬-ଶ୍ରୀଦୟାନିଧି ଗାଉନ୍ତିଆ ।, ୭ - ଶ୍ୟାମସୁନ୍ଦର ପୂଜାରୀ ୮ - ରାମକୃଷ୍ଣ ବେହେରା ୯-ଜନାର୍ଦ୍ଦନ ସୂପକାର, ୧୦-ଧରଣୀଧର ମିଶ୍ର, ୧୧-ଅନନ୍ତ ମିଶ୍ର,, ୧୨ ନୀଳକଣ୍ଠ ଦାସ ୧୩- ଚନ୍ଦ୍ରଶେଖର ମିଶ୍ର, ୧୪-ପର୍ଶୁରାମ ମିଶ୍ର, ୧୫--ମଦନମୋହନ ନନ୍ଦ, ସମ୍ବଲପୁର ୧୬ଶ୍ରୀ ପରମେଶ୍ୱର ବେହେରା, ସମ୍ବଲପୁର, ୧୭ କାଶୀ ଭାଇ ସେଠ ଝାଡସୁଗୁଡା, ୧୮ ଗଣେଶ ପ୍ରସାଦ ପାଢୀ ସମ୍ବଲପୁର, ୧୯ ଭଗୀରଥ ମିଶ୍ର ସଂବଲପୁର, ୨୦ ରାମ ନାରାୟଣ ମିଶ୍ର ସଂବଲପୁର, ୨୧ ବୈକୁଣ୍ଠ ବେହେରା, ସଂବଲପୁର, ୨୨ ଗଙ୍ଗାଧର ହୋତା ବରଗଡ, ୨୩ ବ୍ରଜ ମୋହନ ପଣ୍ଡା ଲରମ୍ବା । ୨୪ ବୃନ୍ଦାବନ ଗୁରୁ ଭୁଲମପୁର, ୨୫ ରତନ ସିଦାଇ ସଂବଲପୁର, ୨୬ ଚନ୍ଦ୍ର ଶେଖର ବେହେରା, ସଂବଲପୁର

୩ୟ ପ୍ରସ୍ତାବ —ଫୁଲଝରର ଶ୍ରୀ ଦୟାନିଧି ଗଉନ୍ତିଆ, ଖଡିଆଲର ଶ୍ରୀ ଲକ୍ଷ୍ମଣ ପଟ୍ଟନାୟକ, ସଂବଲପୁରର ଶ୍ରୀ ରାମକୃଷ୍ଣ ବେହେରା, ଝାଡସୁଗୁଡାର ଶ୍ରୀ ମହାବୀର ସିଂହ ଓ ସୁକଦେବ ପଟେଲମାନଙ୍କୁ ସେମାନଙ୍କ ଭିନ୍ନ ଭିନ୍ନ ଅଞ୍ଚଳରେ ସମ୍ମିଳନୀ ବୈଠକ ଆୟୋଜନ କରିବା ସକାଶେ କାର୍ଯ୍ୟକାରିଣୀ ସଭାର ସଂପାଦକ ରୂପରେ ନିର୍ବାଚନ କରାଗଲା ଓ ଶ୍ରୀ ଅନନ୍ତମିଶ୍ର ସାଧାରଣ ସଂପାଦକ ହେଲେ ।

୪ର୍ଥ ପ୍ରସ୍ତାବ—ଅଭ୍ୟର୍ଥନା ସଭାର ମେଂବର ନିମନ୍ତେ ସଂବଲପୁର, ଫୁଲଝର, ବିନ୍ଦ୍ରାପୁର, ଚନ୍ଦ୍ରପୁର ଓ ଖଡିଆଲର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମନୋନୀତ କରି ଅଗାମୀ ଅକ୍ଟୋବର ମାସ ୧୫ ତାରିଖ ଶେଷ ଦିନ ସୁଦ୍ଧା ସେମାନଙ୍କର ମେଂବର ଫିସ ପାଞ୍ଚଟଂକା ସଂଗ୍ରହ ନିମନ୍ତେ ମଧ୍ୟ ସେମାନଙ୍କୁ ଅନୁରୋଧ କରାଗଲା ।

୫ମ ପ୍ରସ୍ତାବ— ଫୁଲଝର ବାସୀ ବଡପଣ୍ଡାଙ୍କୁ ଅଭ୍ୟର୍ଥନା ସଭାର ସଭାପତି ମନୋନୀତ କରା ହେଲା ।

୬ଷ୍ଠ ପ୍ରସ୍ତାବ—ସମ୍ମିଳନୀ ସମ୍ପର୍କୀୟ ସାଧାରଣ କାର୍ଯ୍ୟ ନିର୍ବାହର ଭାର ସାଧାରଣ ସମ୍ପାଦକ ଶ୍ରୀ ଅନନ୍ତମିଶ୍ର ଓ ଅନ୍ୟାନ୍ୟ ସଂପାଦକ ଶ୍ରୀ ରାମକୃଷ୍ଣ ବେହେରାଙ୍କ ଉପରେ ବିଶେଷ ଭାବରେ ରଖାଗଲା । ଗୁରୁତରକାର୍ଯ୍ୟମାନଙ୍କର ପରିଚାଳନା କାର୍ଯ୍ୟ କାର୍ଯ୍ୟକାରିଣୀ ସମିତିଙ୍କ ପରାମର୍ଶରେ ହେବ ।

୭ମ ପ୍ରସ୍ତାବ—ଭିନ୍ନ୨ ଅଞ୍ଚଳର ସଂପାଦକମାନଙ୍କ ଉପରେ ଚନ୍ଦା ସଂଗ୍ରହର ଭାର ଦିଆଯାଇଛି ।

ସଂମିଳନୀ ବିଜ୍ଞାପନ

ଆଗାମୀ ଡିସେମ୍ବର ମାସ ୧୭।୧୮।୧୯ ତାରିଖରେ ଉତ୍କଳ ସଂମିଳନୀର ଅଧିବେଶନ ଝାଡସୁଗୁଡାଠାରେ ହେବ । ସଂମିଳନୀର ଅଧିବେଶନ ଲାଗି କାର୍ଯ୍ୟ କରିବା ସକାଶେ ଗୋଟିଏ ଅଭ୍ୟର୍ଥନା ସଭା ଗଠିତ ହୋଇଅଛି । ସଂମିଳନୀର ନିୟମାନୁସାରେ ଅଭ୍ୟର୍ଥନା ସଭାର ମେମ୍ବରମାନଙ୍କୁ ପାଞ୍ଚଟଂକା ଫିସ ଦେବ ହେବ । ସମ୍ବଲପୁର, ଫୁଲଝର, ଚନ୍ଦ୍ରପୁର, ଖଡିଆଲ ରାଜ୍ୟମାନଙ୍କରୁ ଯେଉଁମାନେ ସଭାର ମେମ୍ବର ହେବାକୁ ଇଚ୍ଛା କରନ୍ତି ଫିସ ସହିତ ସେମାନଙ୍କର ନାମ, ଗ୍ରାମ ଅ୧୫ ତାରିଖ ସୁଦ୍ଧା ପଠାଇଲେ ଆଗ୍ରହରେ ଅ... ସଭାରେ ଗୃହୀତ ହେବେ ।

ସମ୍ବଲପୁର ୧।୯।୨୧	ଶ୍ରୀ ଅନନ୍ତ ମିଶ୍ର ସାଧାରଣ ସମ୍ପାଦକ

ପ୍ରାପ୍ତ

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ 'ସମାଜ'ରେ ସ୍ଥାନ ଦାନ କରି ବାଧିତ କରିବାହେବେ ।

ଉତ୍କଳ ସମ୍ମିଳନୀର ସ୍ଥାୟୀସଭା (କାଉନ୍‌ସିଲ) ଏ ପର୍ଯ୍ୟନ୍ତ ଗଠିତ ହେଲାନାହିଁ । ସିଂହଭୂମ, ସମ୍ବଲପୁର, ବାରିପଦା ବ୍ୟତୀତ ପ୍ରାକୃତିକ ଓଡିଶାର ଅନ୍ୟାନ୍ୟ ଜିଲାମାନ ସ୍ଥାୟୀ ସଭା ସକାଶେ ପ୍ରତିନିଧି ନିର୍ବାଚନ କରି ତାଲିକା ପଠାଇ ନାହାନ୍ତି । ଅନେକଥର ଏ ସମ୍ପାଦକମାନଙ୍କ ନିକଟକୁ ଲେଖାଯାଇଅଛି । ଶେଷରେ ଜୁଲାଇ ମାସରେ 'ସମାଜ'ର ସ୍ତମ୍ଭରେ ସମ୍ମିଳନୀ ଭକ୍ତମାନଙ୍କୁ ବିଶେଷ ଭାବେ ପ୍ରାର୍ଥନା କରିଥିଲୁ ଯେ ଜିଲା ସମିତି ସମ୍ପାଦକମାନେ ପ୍ରତିନିଧି ନିର୍ବାଚନ ନ କଲେ ସାଧାରଣ ଲୋକେ ସଭା କରି ପ୍ରତିନିଧି ନିର୍ବାଚନ କରି ପଠାଇବେ । ଯଥେଷ୍ଟ ସମୟ ଅତି ... ସୁଦ୍ଧା କୌଣସି ଜିଲାରୁ ପ୍ରତିନିଧି ତାଲିକା ... ଏଣେ ସମ୍ବଲପୁର ଅଭ୍ୟର୍ଥନା ସଭା ଆଗାମୀ ସଭାପତି ନିର୍ବାଚନ ପାଇଁ ତାଗିଦବାର ମାରିକ ... ପଠାଉ ଅଛନ୍ତି । ବିନୀତ ପ୍ରାର୍ଥନା ସତ୍ତ୍ୱେ କୌଣସି ଜିଲା ସମିତି କିମ୍ବା କୌଣସି ସମ୍ମିଳନୀଭକ୍ତ କିମ୍ବା କୌଣସି ସମ୍ବାଦ ପତ୍ରର ସମ୍ପାଦକ ମୋର ନିବେଦନର ଉତ୍ତର ଦେଇ ନାହାନ୍ତି । ଗତ ଥର ମୁଁ କହିଥିଲି ଯେ ସହଯୋଗୀ ହୁଅନ୍ତୁ ବା ଅସହଯୋଗୀ ହୁଅନ୍ତୁ ସମ୍ମିଳନୀ ସମସ୍ତଙ୍କର ସହାନୁଭୂତି ପାଇବା ପ୍ରତି ଉପଯୁକ୍ତ ଏବଂ ସମସ୍ତେ ମିଶି ସମ୍ମିଳନୀସଦୃଶ ଅନୁଷ୍ଠାନକୁ ଜୀବିତ ରଖିବା ଉଚିତ । ଦେଶବାସୀମାନେ ସଂମିଳନୀ ପ୍ରତି କାହିଁକି ଏତେ ଉଦାସୀନ ବୁଝାଯାଉନାହିଁ । ଥରେ ଅଧେ କେହି ୨ ଗଳ୍ପ କରିବାର ଶୁଣାଯାଏ ଯେ ଚକ୍ରଧରପୁର ଠାରେ ସମ୍ମିଳନୀ ଜାତୀୟ ମହାସଭାର ଉଦ୍ଦେଶ୍ୟ ଗ୍ରହଣ କରିଥିବା ଯୋଗୁଁ ଏ ଅବସ୍ଥା ଘଟୁଅଛି । ଏ କଥା ବିଶ୍ୱାସ କରିବାକୁ ଅମ୍ଭେ ପ୍ରସ୍ତୁତ ନୋହୁଁ । ଗତବର୍ଷ ସମ୍ମିଳନୀକୁ କଂଗ୍ରେସ ଉଦ୍ଦେଶ୍ୟ ସ୍ପର୍ଶ କରି ନ ଥିବା ସତ୍ତ୍ୱେ କୌଣସି ୨ ଜିଲା ପ୍ରତିନିଧି ନିର୍ବାଚନ କରି ନ ଥିଲେ । ଏ ଉଦାସୀନତା ଆମ୍ଭ ଜାତିର ବିଶେଷତ୍ୱ ଓ ଧର୍ମ ବୋଲି ଧରିବାକୁ ହେବ । ଯଦି ସମ୍ମିଳନୀ କଂଗ୍ରେସ ଉଦ୍ଦେଶ୍ୟ ଗ୍ରହଣ କରି ଅନ୍ୟାୟ କରିଅଛି, ଉତ୍କଳର ଦେଶ ହିତୈଷୀ ମୁଖ୍ୟ ବ୍ୟକ୍ତିମାନେ ସମ୍ମିଳନୀରେ ଯୋଗ ଦେଇ ଓଡିଆ ଜାତିର ଉଦ୍ଦେଶ୍ୟ ଓ ଆକାଂକ୍ଷା ସମ୍ମିଳନୀକୁ ଗ୍ରହଣ କରାନ୍ତୁ ଏବଂ ଭାରତୀୟ ଆକାଂକ୍ଷାଠାରୁ ନିଜ ଆକାଂକ୍ଷାକୁ ଯେତେଦୂର ପାରନ୍ତି ପୃଥକ୍ ରଖିବାକୁ ବିଧାନ କରନ୍ତୁ । କିନ୍ତୁ କିଛି ନ କରି ମୌନବ୍ରତ ଆଚରଣ କଲେ କିପରି ଚଳିବ ?

ଅତଏବ ପୁନଶ୍ଚ ବିନୀତ ନିବେଦନ ଯେ ଜିଲା ସମିତିମାନ ପ୍ରତିନିଧି ନିର୍ବାଚନ କରି ସ୍ଥାୟୀ ସଭା ସକାଶେ ପଠାନ୍ତୁ । ସ୍ଥାୟୀ ସଭାରେ ସମସ୍ତ ବିଷୟ ଆଲୋଚିତ ହେଉ । ଆଉ କୌଣସି ପ୍ରକାରେ ସମୟ ନଷ୍ଟ କରାଯାଇ ପାରେ ନାହିଁ ।

ପୁରୀ ତା ୭।୯।୨୧	ଶ୍ରୀ ବନମାଳୀ ଦାଶ ସମ୍ପାଦକ ଉତ୍କଳ ସମ୍ମିଳନୀ ସ୍ଥାୟୀ ସଭା

ସ୍ୱଦେଶୀ ପରଚୟ

ଆମ୍ଭେମାନେ ଏଥିପୂର୍ବେ ଥରେ ଲେଖିଥିଲୁ ସ୍ୱଦେଶୀ ନାମରେ ଅନେକ ବିଦେଶୀ କପଡା ବିକୁଛନ୍ତି । ମହାତ୍ମା ଗାନ୍ଧି ମଧ୍ୟ ଏହି ମର୍ମରେ ମାନ୍ଦ୍ରାଜରୁ ପତ୍ର ପାଇ ଅଛନ୍ତି । ଏଥିରେ ଆଶ୍ଚର୍ଯ୍ୟ କିଛିନାହିଁ । ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନବେଳେ ଅନେକ ଦୋକାନ ଏହିପରି ଜୁଆଚୋରି କରିଥିଲେ । ଏଥିଯୋଗୁଁ ପକ୍କା ସ୍ୱଦେଶୀର ପରଚୟ ଦେବାଲାଗି ପ୍ରତ୍ୟେକ ପ୍ରାଦେଶିକ କଂଗ୍ରେସ କମିଟି ତରଫରୁ କପଡା ଓ ଲୁଗାରେ ଛପା ଦିଆଯିବା ଆବଶ୍ୟକ ବୋଲି କଂଗ୍ରେସର କାର୍ଯ୍ୟକାରୀ କମିଟି ମତ ପ୍ରକାଶ କରି ଅଛନ୍ତି । ଅଧିକାଂଶ ଖରିଦଦାର ଆଜିକାଲି ବଜାରରେ ସ୍ୱଦେଶୀ କପଡା ଖୋଜୁଛନ୍ତି । ସ୍ୱଦେଶୀ ପରିଚୟସୂଚକ ଛପା କପଡ଼ା ଉପରେ ରହିଲେ ସେମାନଙ୍କ ... ବିଶେଷ ସୁବିଧା ହେବ । କୌଣସି କୌଣସି ... ୨ ଏପରି ଛପା ଦିଆଯିବା ଆରମ୍ଭ ହୋଇଅଛି । ... ଖରିଦଦାରମାନଙ୍କ ପରି ଛପା ଦେଖି ଲୋକେ ... ଶୀ କପଡା ବିଷୟରେ ଭ୍ରମରେ ... ଅରଟ ସୂତାର କପଡ଼ା ପୁରା ... ଏପରି ଭ୍ରମ ଘଟିବ ନାହିଁ । ମାତ୍ର ତାହା ... ହୋଇପାରେ । ସ୍ୱଦେଶୀର ପରଚୟ ନେବାଲାଗି ... କେତୋଟି କଥା ମନେ ରଖିବା ସମସ୍ତଙ୍କର ... ଦାର । ଯେ ଲୁଗାର ତାନା ଭରଣି ଉଭୟ ଅରଟ ଏବଂ ଯାହା ହାତବୁଣା ତାହା ପୁରା ଷୋଳଅଣା ... ଶୀ । ଯେ ଲୁଗାରେ ତାନା ଅରଟ ସୂତା, ଭରଣୀ ... ଦେଶୀ କଳ ସୂତା ଓ ହାତ ତନ୍ତରେ ତିଆରି ତାହା ... ସ୍ୱଦେଶୀ । ତାନା ଭରଣୀ ଉଭୟ ଦେଶୀ କଳ ହାତ ବୁଣାଲୁଗା ଆଠଅଣା ସ୍ୱଦେଶୀ । ଦେଶୀ ... ର ଦେଶୀମିଲ ତିଆରି କପଡା ଚାରିଅଣା ... ଯେଉଁମାନେ ପ୍ରଥମ ପ୍ରକାର ଲୁଗା ବ୍ୟବ... ସୁବିଧା ପାଉଛନ୍ତି ସେମାନଙ୍କର ସ୍ୱର୍ଗ ଲାଭ ... ଯେଉଁମାନଙ୍କର ନାହିଁ ସେମାନେ ଦ୍ୱିତୀୟ ... ଶ୍ରେଣୀର ଲୁଗା ବ୍ୟବହାର କରି... ବେଳେ ଉପର ଶ୍ରେଣୀକୁ ଉଠିବାର ... ଚିତ । ବିଦେଶୀ ସୂତାରେ ଆମ ... ନ୍ତି ହାତରେ ଲୁଗା ବୁଣନ୍ତି । ... ହି ଲୁଗାକୁ ସ୍ୱଦେଶୀ ବୋଲି ... ହା ସ୍ୱଦେଶୀ ନୁହେ । ଏଣିକି ... ଏହି ଦେଶୀୟ କଳସୂତା ଆଣି ... ଆବଶ୍ୟକ । ତନ୍ତୀମାନେ ଏଭଳି ... ଚେଷ୍ଟା କଲେ ବହୁତ ଛାଡ଼ିବ । ... ବା ତନ୍ତୀମାନେ ଗୃହରେ ... ହି ଦେଶୀ କଳ ସୂତା ... ଆବଶ୍ୟକ ମନେ... ଷ୍ଟା-

ପୁର ଠାରୁ କେତେକ ଜଣ ବିହାରୀ ଭଦ୍ରବ୍ୟକ୍ତି ହିନ୍ଦି ପକ୍ଷ ସମର୍ଥନ କରିବା କାରଣ ଉପସ୍ଥିତ ଥିଲେ । ଚକ୍ରଧର ପୁର ଜାତୀୟ ବିଦ୍ୟାଳୟର ପ୍ରଧାନ ଅଗ୍ରର୍ଯ୍ୟ ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ । ମାତ୍ର ସିଂହଭୂମ ଓଡିଆ ମାନଙ୍କ ମଧ୍ୟରୁ କେହି କେହି ଉପସ୍ଥିତ ଥିବା ଉଚିତ ଥିଲା । ବିହାର ପ୍ରାଦେଶିକ କମିଟିର ମନୋନୀତ ମୃଗରଜଣଙ୍କ ମଧ୍ୟରୁ ବାବୁ ଦୀପ୍ ନାରାୟଣ ଏବଂ ମଉଲଭି ସାଫି ଉତ୍କଳ ପ୍ରାଦେଶିକ କମିଟି ତରଫରୁ ପଣ୍ଡିତ ଗୋପବନ୍ଧୁ ଦାସ ବାବୁ ଗୋପବନ୍ଧୁ ଚୌଧୁରୀ ନିରଞ୍ଜନ ପଟ୍ଟନାୟକ ଓ ଜଗବନ୍ଧୁ ସିଂହ ଏ ବିଚାରରେ ଯୋଗ ଦେଇଥିଲେ । ବହୁତ ଆଲୋଚନା ପରେ ସ୍ଥିର ହେଲା ଯେ ବାବୁ ଗୋପବନ୍ଧୁ ଚୌଧୁରୀ ଏହି କମିଟିର ସେକ୍ରେଟରୀ ହେବେ ଓ ସେ ସିଂହଭୂମ ଜିଲା କଂଗ୍ରେସ ସଭ୍ୟମାନଙ୍କ ଠାରୁ ଏ ବିଷୟ ମତ ଦେବା କାରଣ ପତ୍ର ଲେଖିବେ, ସେପ୍ଟେମ୍ବର ୩୦ ତାରିଖ ଭିତରେ ଯେତେ କଂଗ୍ରେସ ସଭ୍ୟ ହେବେ ସେମାନଙ୍କ ମତ ଅନୁସାରେ ଏ ପ୍ରଶ୍ନର ମୀମାଂସା ହେବ ।

କେଉଁଝର ଅତ୍ୟାଚାର

ଅଟକି ୨୫ବର୍ଷ ହେଲା ବାବାଜି ନୃସିଂହନାଥ ଦାସ ଅଡା ପର୍ବତ ଗୁମ୍ଫାରୁ ଆସି କେଉଁଝର ଷ୍ଟେଟ ନିକଟ ବିରୁପାଲି ଗାଁରେ ମଠ କରିଥିଲେ । କେଉଁଝର ପାଖ ଆଖ ଲୋକେ ଏହାଙ୍କୁ ବଡ ସମ୍ମାନ ଓ ଭକ୍ତି କରନ୍ତି । ଏ ଅଞ୍ଚଳରେ ତାଙ୍କର ଅନେକ ଚେଲା । ୫ । ୬ମାସ ତଳେ ମହନ୍ତ ମହାରାଜ ଜଣେ ଚେଲା ସାଙ୍ଗରେ ନେଇ ମଫସଲ ଶିଷ୍ୟମାନଙ୍କ ପାଖକୁ ଯାଇଥିଲେ । ହଠାତ୍ ଦଳେଇପଶି ଗାଁରେ ତାଂକର ମୃତ୍ୟୁ ହେଲା । ତାଂକର ବଡ଼ ଚେଲା ଚିନ୍ତାମଣି ଦାସ ମଠ ଦୁଇଜଣ ଚେଲାଂକ ଜିମା ଦେଇ ମହନ୍ତଂକ ସତ୍‌କାର୍ଯ୍ୟ ପାଇଁ ଦଳେଇ ପଶି ଗାଁକୁ ଗଲେ । ଏ ଅବସରରେ ବାଲିଆ ହତା ଥାନାର ପୋଲିଶ ମଠରେ ପଶି ଦୁଇଜଣ ଚେଲାଙ୍କୁ ବାଡ଼େଇ ବାହାର କରିଦେଇ ତାଂକର ପୂଜା ଉପକରଣ ଓ ଧାନ ଚାଉଳ ଟଂକା ପଇସା ଗୋରୁ ଗାଈ ଘୋଡା ଓଗେର ପ୍ରାୟ ୩ହଜାର ଟଂକାର ସମ୍ପତ୍ତି ନେଇଗଲେ । ବାବାଜିମାନେ ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟ ପ୍ରାଇସ ସାହେବଂକ ପାଖେ ଆପତ୍ତି କରିବାରୁ ସେ ଫେରାଇ ଦେବା ସକାଶେ କହିଲେ । କିନ୍ତୁ ଆସିଷ୍ଟାଣ୍ଟ ସୁପରିଂଟେଣ୍ଡେଣ୍ଟ ବାବୁ ନୀଳମଣି ଗୁହ ଦେ ସେ କଥା ନଶୁଣି ଗୋରୁ ଗାଈ ଘୋଡା ନିଲାମ କରି ସମ୍ପତ୍ତି ଷ୍ଟେଟ ବାକ୍ସପତ୍ର କରି ବାବାଜିମାନଙ୍କୁ ତଡିଦେଇଛନ୍ତି ।

ସାର ଅମାସହଲାଣ୍ଡଙ୍କ ଇସ୍ତଫା

ମ୍ୟୁନିସନ ବୋର୍ଡ ମକଦ୍ଦମାର ପୁନର୍ବିଚାର ହେବା ... ହେଲାଟ ହୁକୁମ ଦେବାରୁ ସାର ଅମାସ ହଲାଣ୍ଡ ... ବାଧ କରି ତାଂକ ଚାକିରିରୁ ଇସ୍ତଫା ... ମଧ୍ୟ ତାହା ଗ୍ରହଣ କରି ସାରିଲେଣି । ... ଘୋଡାଇବାକୁ ବଡଲାଟ ... ପାରିଲ ।